**Code No.013/1**

Roll No. | | | | | | | | |

Candidates must write the Code No. on the title page of the Answer Book

# SAMPLE QUESTION PAPER 2021-22
## Term-I Examination
## Class-X
## ODIA(Code-013)

ସମୟ - ୯୦ ମିନିଟ୍ | ପୂର୍ଣ୍ଣ ସଂଖ୍ୟା - ୪୦

*Time allowed :* 90 minutes. | *Maximum Marks: 40*

General Instructions-

- Please check that this question paper contains 10 printed pages.
- Set number given on the right hand side of the question paper should be written on the title page of the answer book by the candidate.
- Please check that this question paper contains 50 questions, out of which 40 questions need to be attempted.
- The question Paper consists of 3 parts.

| | | |
|---|---|---|
| PART A : | Comprehension | 10 Marks |
| PART B : | Grammar | 10 Marks |
| PART C : | Literature | 20 Marks |

## PART A
(Comprehension)

**1.** **ନିମ୍ନ ଅପଠିତ ଗଦ୍ୟ ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ବାଛ । (ଯେ କୌଣସି ୫ଟିର)** 5 X 1=5

ଶ୍ରୀଚୈତନ୍ୟ ଜଗନ୍ନାଥ ଦାସଙ୍କର ଅଲୌକିକ ଭକ୍ତିଭାବ ଓ ଈଶ୍ୱର ବିଶ୍ୱାସର ପରିଚୟ ପାଇଲେ ତାଙ୍କ ଭାଗବତ ଅନୁବାଦ ଓ ବ୍ୟାଖ୍ୟା ପ୍ରଦାନ ବେଳେ ବଡ଼ ଦେଉଳ ବେଢ଼ାରେ । ଶ୍ରୀଚୈତନ୍ୟ ଏଥିରେ ବିମୋହିତ ହୋଇ ଜଗନ୍ନାଥଙ୍କୁ 'ଅତିବଡ଼ି' ଉପାଧିରେ ଭୂଷିତ କଲେ । ସେହିଦିନଠାରୁ ଶ୍ରୀଚୈତନ୍ୟଙ୍କ ଦେହାବସାନ ପର୍ଯ୍ୟନ୍ତ ଦୁହିଁଙ୍କ ଭିତରେ ଥିଲା ଅଭେଦ ସମ୍ପର୍କ । ଜଗନ୍ନାଥଙ୍କର 'ଅତିବଡ଼ି' ଉପାଧିରୁ ଓଡ଼ିଶାରେ ଅତିବଡ଼ି ବୈଷ୍ଣବ ସମ୍ପ୍ରଦାୟର ଉଦ୍ଭବ ହେଲା । ନିଜେ ଜଗନ୍ନାଥ ଦାସ ଥିଲେ ଏହାର ପ୍ରବର୍ତ୍ତକ ।ଏହି ସମ୍ପ୍ରଦାୟର ପ୍ରଧାନ ପୀଠ ଅଦ୍ୟାପି ବଡ଼ ଓଡ଼ିଆ ମଠ ନାମରେ ପୁରୀଧାମରେ ରହିଛି । ଏହାର ଶାଖାମାନ ଓଡ଼ିଶାର ବିଭିନ୍ନ ଅଂଚଳରେ ସ୍ଥାପିତ ହୋଇଛି । ଜଗନ୍ନାଥ ଦାସଙ୍କ ଭାଗବତ ମୂଳ ସଂସ୍କୃତ ଭାଗବତର ଆକ୍ଷରିକ ଓଡ଼ିଆ ଅନୁବାଦ ନୁହେଁ । କବିଙ୍କ ପାଣ୍ଡିତ୍ୟ, ମୌଳିକତା, ଧର୍ମଭାବ ଭାଗବତରୁ ବାରି ହୋଇଯାଏ । ଜଗନ୍ନାଥ ଦାସଙ୍କର ଭାଗବତକୁ ଓଡ଼ିଶାର ଜନତା ଦେବତା ଜ୍ଞାନରେ ଗ୍ରାମେ ଗ୍ରାମେ ପୂଜା କରୁଥିଲେ । ଭାଗବତ ଟୁଙ୍ଗୀରେ ଭାଗବତ ଗୋସେଇଁ ଭାବରେ ଓଡ଼ିଆ ଭାଗବତ ଗାଦିରେ ରହି ପୂଜା ପାଉଥିଲା । ଓଡ଼ିଆ ଜନସାଧାରଣଙ୍କର ଲୌକିକ ଜୀବନଧାରାରେ ଜଗନ୍ନାଥଙ୍କର ଭାଗବତର ପ୍ରଭାବ ସର୍ବାଧିକ । ଏହା ଜ୍ଞାନ, ଭକ୍ତି ,ଧର୍ମ ଓ ନୀତି ପ୍ରକାଶ କରେ । ଭାଗବତ ଗାଦି ପାଖରେ କେହି ମିଛ କହନ୍ତି ନାହିଁ । ସୁତରାଂ ଅତୀତରେ ଭାଗବତ ଘର ଗାଁର ନ୍ୟାୟାଳୟ ଥିଲା । ଏହି ଭାଗବତ ପଢ଼ିବା ପାଇଁ ଗାଁ ଗହଳର କି ପୁରୁଷ କି ସ୍ତ୍ରୀ ପିଲାଦିନରୁ ଅକ୍ଷର ଶିଖି ପଢ଼ିବା ଅଭ୍ୟାସ କରୁଥିଲେ । ବିଭିନ୍ନ ପ୍ରାଦେଶିକ ଭାଷାରେ ସଂସ୍କୃତ ପୁରାଣର ଅନୁବାଦ ପଂଚଦଶ ଶତାବ୍ଦୀରୁ ଆରମ୍ଭ ହୋଇଥିଲା । ଆନ୍ଧ୍ର ପ୍ରଦେଶର କବି ତିକ୍‌କଣ ,ଆସାମର କବି ଶଙ୍କରଦେବ ,ମହାରାଷ୍ଟ୍ରର କବି ଜ୍ଞାନଦେବ ନିଜ ମାତୃଭାଷାରେ ସଂସ୍କୃତ ଭାଗବତର ଅନୁବାଦ କରି ଅତ୍ୟନ୍ତ ଲୋକପ୍ରିୟ ହୋଇଥିଲେ ।

**ପ୍ରଶ୍ନାବଳୀ:**

କ.	ଶ୍ରୀଚୈତନ୍ୟ କେଉଁଠାରେ ଜଗନ୍ନାଥ ଦାସଙ୍କର ଅଲୌକିକ ଭକ୍ତିଭାବ ଓ ଈଶ୍ୱର ବିଶ୍ୱାସର ପରିଚୟ ପାଇଲେ ? 1

i. ମାଉସୀ ମାଆ ମନ୍ଦିରରେ

ii. ନରେନ୍ଦ୍ର କୋଣରେ

iii. ବଡ଼ ଦେଉଳ ବେଢ଼ାରେ

iv. ଆନନ୍ଦ ବଜାରରେ

ଖ.	ଅତିବଡ଼ି ବୈଷ୍ଣବ ସମ୍ପ୍ରଦାୟର ପ୍ରଧାନ ପୀଠର ନାମ କ'ଣ ? 1

i. ବଡ଼ ଓଡ଼ିଆ ମଠ

ii. ଏମାର ମଠ

iii. ବଡ଼ ଛତା ମଠ

iv. ଆଖଡ଼ିଆ ମଠ

ଗ.	ଗାଁ ଗହଳର ଲୋକମାନେ କାହିଁକି ସାକ୍ଷର ହେବାକୁ ଚାହୁଁଥିଲେ ? 1

i. ବିଦେଶ ଯିବେ ବୋଲି

ii. ଚାକିରି କରି ପଇସା ରୋଜଗାର କରିବେ ବୋଲି

iii. ଜ୍ଞାନ ଅର୍ଜନ କରିବା ପାଇଁ

iv. ଭାଗବତ ପଢ଼ିବା ପାଇଁ

ଘ.	କବି ଜ୍ଞାନଦେବ କିପରି ଅତ୍ୟନ୍ତ ଲୋକପ୍ରିୟ ହୋଇଥିଲେ ? 1

i. ନାଟକ ରଚନା କରି

ii. ନିଜ ମାତୃଭାଷାରେ ସଂସ୍କୃତ ଭାଗବତର ଅନୁବାଦ କରି

iii. କୁସଂସ୍କାର ଦୂର କରିବା ପାଇଁ ଉଦ୍ୟମ କରି

iv. ସନ୍ନ୍ୟାସ ଗ୍ରହଣ କରି

ଙ.	କାହାକୁ ଗାଁର ନ୍ୟାୟାଳୟ କୁହାଯାଇଛି ? 1

i. ପଂଚାୟତ କାର୍ଯ୍ୟାଳୟ

ii. ଭାଗବତ ଘର

iii. ଗ୍ରାମ ଦେବତାଙ୍କ ମନ୍ଦିର

iv. ଗାଁ ମୁଖିଆଙ୍କ ନିବାସ

ଚ.	ଶଙ୍କରଦେବ କେଉଁ ରାଜ୍ୟର କବି ? 1

i. ଆନ୍ଧ୍ର

ii. ଓଡ଼ିଶା

iii. ଆସାମ

iv. ମହାରାଷ୍ଟ୍ର

**2.** **ନିମ୍ନ ପଠିତ କବିତାଂଶଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ବାଛ । (ଯେ କୌଣସି ୫ଟିର)** 5 X 1=5

ଧନ୍ୟ ରଥେ ! ତୁମ୍ଭ ଜନ୍ମ ଶୁଭକ୍ଷଣେ
ମୃତ୍ୟୁଞ୍ଜୟ ତୁମ୍ଭେ ଉତ୍କଳଭୁବନେ ।
ତୁମ୍ଭ ମାଟି - ଦେହ ଗ୍ରାସିଛି ଶ୍ମଶାନ
ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ !
ମୀନ-ଆକର୍ଷଣ-ଆଶେ ପୋତପାଳ
ତରଣୀରେ ଜାଳି ଦେଲାଣି ମଶାଲ ।
ଭବେ ପାପମୂର୍ତ୍ତି ପରି ଅଟଇ ସେ,
ସ୍ପର୍ଶେ ମାରାତ୍ମକ, ରୂପେ ରମ୍ୟ ଦିଶେ ।
ପାପ-ଗର୍ତ୍ତେ ଯେହ୍ନେ ପଡ଼ଇ ଅଜ୍ଞାନ
ତରୀ-ଗର୍ଭେ ମୀନେ ଡେଇଁ ଦେବେ ପ୍ରାଣ ।
ତରଙ୍ଗେ ଦୋହଲି ଦୋହଲି ବୋଇତ
ଥରେ ଦିଶେ, ଥରେ ହୁଏ ଅନ୍ତର୍ହିତ ।
ଦୁଃଖିମନେ ଆଶା ଉତ୍‌ଥାନ ପତନ,
ପ୍ରାୟେ ଶିଖା ଉଠେ ପଡ଼େ ଘନ ଘନ ।

**ପ୍ରଶ୍ନାବଳୀ:**

**କ.** **ଉକ୍ତ କବିତାଂଶଟିରେ 'ରଥେ' ବୋଲି କାହାକୁ କୁହାଯାଇଛି ?** **1**

i. କବିବରଙ୍କୁ
ii. କବିସୂର୍ଯ୍ୟଙ୍କୁ
iii. କବିସମ୍ରାଟ୍‌ଙ୍କୁ
iv. କବିଶେଖରଙ୍କୁ

**ଖ.** **ପୋତପାଳ ମଶାଲ ଜାଳିଛି କାହିଁକି ?** **1**

i. ଫେରିବାର ସୂଚନା ଦେବା ପାଇଁ
ii. ଶୀତରୁ ରକ୍ଷା ପାଇବା ପାଇଁ
iii. ମୀନମାନଙ୍କୁ ଆକର୍ଷିତ କରିବା ପାଇଁ
iv. ଜଳଜନ୍ତୁଙ୍କଠାରୁ ରକ୍ଷା ପାଇବା ପାଇଁ

**ଗ.** **କାହା ପ୍ରତି ଅଜ୍ଞାନ ଆକର୍ଷିତ ହୁଏ ?** **1**

i. ରୂପ
ii. ଗୁଣ
iii. ଧନ
iv. ପାପ

**ଘ.** **'ମୃତ୍ୟୁଞ୍ଜୟ'ର ଅର୍ଥ କ'ଣ ?** **1**

i. ମୃତ୍ୟୁ ଯାହାକୁ ଜୟ କରିଛି
ii. ଯେ ମୃତ୍ୟୁ ବରଣ କରିଛି
iii. ମୃତ୍ୟୁକୁ ଯେ ଜୟ କରିଛି
iv. ଯେ ମୃତ୍ୟୁ ବରଣ କରିନାହିଁ

ଙ.	‘ପୋତପାଳ’ କିଏ ? 1

i. ରାଧାନାଥ ରାୟ

ii. ମଶାଲ ବାହକ

iii. ପୋତକୁ ପାଳେ ଯେ

iv. ନୌକା ବାହକ ବା ଚାଳକ

ଚ.	**ବୋଇତ କାହିଁକି ଥରେ ଦୃଶ୍ୟମାନ ହୋଇ ପୁଣି ଅନ୍ତର୍ହିତ ହେଉଛି ?** **1**

i. ଅଧିକ କୁହୁଡ଼ି ଥିବାରୁ

ii. ଢେଉରେ ଉଠପଡ଼ ହେଉଥିବା ଯୋଗୁଁ

iii. ପବନ ଦିଗ ପରିବର୍ତ୍ତନ କରୁଥିବାରୁ

iv. ଅନଭିଜ୍ଞ ନୌକା ଚାଳକ ଡଙ୍ଗାକୁ ସମ୍ଭାଳି ପାରୁନଥିବା ଯୋଗୁଁ

## Section B (Grammar ) **10**

**3.**	**ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛ ।(ଯେ କୌଣସି ୫ଟିର)** 5 X 1=5

କ.	**କିଛି ଖେଳରେ ତୁମେ ଜିତ ଓ କିଛି ଖେଳରେ ତୁମେ ହାର ।–ଏହା କେଉଁ ପ୍ରକାର ବାକ୍ୟ ?** **1**

i. ସରଳ

ii. ଯୌଗିକ

iii. ଜଟିଳ

iv. ସରଳ ଓ ଯୌଗିକ

ଖ.	**ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ସରଳ ବାକ୍ୟ ?** **1**

i. ଜୀବଜଗତ ନଥିଲାବେଳେ ମଧ୍ୟ ପୃଥିବୀ ଥିଲା ।

ii. ଜୀବଜଗତ ନଥିଲା କିନ୍ତୁ ପୃଥିବୀ ଥିଲା ।

iii. ଯଦିଓ ଜୀବଜଗତ ନଥିଲା, ପୃଥିବୀ ଥିଲା ।

iv. ପୃଥିବୀ ଥିଲା ଓ ଜୀବଜଗତ ନଥିଲା ।

ଗ.	**ମତେ ଯେତେ ମାଠିବୁ ମାଠ, ମୁଁ ସେଇ ଦରପୋଡ଼ା କାଠ । - ଏହା କେଉଁ ପ୍ରକାର ବାକ୍ୟ ?** **1**

i . ଯୌଗିକ

ii. ସରଳ

iii. ଜଟିଳ

iv. ଜଟିଳ ଓ ଯୌଗିକ

ଘ.	**ପ୍ରଭୁ ଶ୍ରୀଜଗନ୍ନାଥ ଭକ୍ତମାନଙ୍କ ଗହଣରେ ଝୁଲିଝୁଲି ପହଣ୍ଡି ବିଜେ କରିବା ଦୃଶ୍ୟ ଅତ୍ୟନ୍ତ ମନୋମୁଗ୍ଧକର । ଏହା କେଉଁ ପ୍ରକାର ବାକ୍ୟ ?** **1**

i . ସରଳ

ii. ଯୌଗିକ

iii. ଜଟିଳ

iv. ଜଟିଳ ଓ ଯୌଗିକ

ଙ. **ଦେବତା ଅନୁଯାୟୀ ପୂଜା । – ଏହି ବାକ୍ୟକୁ ଜଟିଳ ବାକ୍ୟ ରେ ପରିଣତ କର ।** **1**

i. ଦେବତା ହିଁ ପୂଜାର ଅଧିକାରୀ ।

ii. ଯେମିତି ଦେବତା,ସେମିତି ପୂଜା ।

iii. ଧନ୍ୟ ଦେବତା ଓ ତାଙ୍କ ପୂଜା ।

iv. ଦେବତାଙ୍କୁ ପୂଜା କରାଯାଏ ।

ଚ. **ଯେଉଁ ବ୍ୟକ୍ତି ବିନୟୀ, ସେ ଜୀବନରେ ସଫଳତା ପାଇଥାଏ ।– ଏହି ବାକ୍ୟଟିକୁ ସରଳ ବାକ୍ୟରେ କ'ଣ କୁହାଯିବ ?** **1**

i. ବିନୟୀ ବ୍ୟକ୍ତି ଜୀବନରେ ସଫଳତା ପ୍ରାପ୍ତ ହୁଏ ।

ii. ବ୍ୟକ୍ତି ବିନୟୀ ହୁଏ, ତେଣୁ ସଫଳତା ପ୍ରାପ୍ତ ହୁଏ ।

iii. ସଫଳ ବ୍ୟକ୍ତି ସର୍ବଦା ବିନୟୀ ହୋଇଥାଏ ।

iv. ଯିଏ ସଫଳ, ସେ ସର୍ବଦା ବିନୟୀ ।

୪. **ଉତ୍ତର ପର୍ଯ୍ୟାୟ ମଧ୍ୟରୁ ଶୁଦ୍ଧ ଶବ୍ଦଟିକୁ ବାଛ ।(ଯେ କୌଣସି ୫ଟିର)** 5 X 1=5

କ. i. ଦାଶରଥି **1**

ii. ଦାସରଥି

iii. ଦାଶରଥୀ

iv. ଦଶରଥି

ଖ. i. ନୀର୍ଜନ **1**

ii. ନୀର୍ଯନ

iii. ନିର୍ଜନ

iv. ନିର୍ଜନ

ଗ. i. ସୁକେଶିନୀ **1**

ii. ସୁକେଶୀ

iii. ସୁକେଶୀନି

iv. ସୁକେଶା

ଘ. i. ବିଶ୍ୱସ୍ଥ **1**

ii. ବିଶ୍ୱସ୍ତ

iii. ବିଶସ୍ତ

iv. ବିସ୍ୱସ୍ତ

ଙ. i. ଅନୁଗୃହ **1**

ii. ଅନୁଗ୍ରହ

iii. ଅନୂଗ୍ରହ

iv. ଅନୁର୍ଗହ

ଚ. i. ମୀନତୀ 1

ii. ମିନତୀ

iii. ମିନତି

iv. ମୀନତି

## Section C
## (Literature) 20

୫ ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛ ।(ଯେ କୌଣସି ୮ଟିର) 8 X 1=8

କ. ଅପୁଷ୍ଟତା ହେତୁ ଯେଉଁମାନଙ୍କ ପେଟ ପଶିଯାଇଥାଏ, ସେମାନଙ୍କୁ କ'ଣ କୁହାଯାଏ ? 1

i. କୃଶୋଦର

ii. ଲମ୍ବୋଦର

iii. ବୃକୋଦର

iv. ଦାମୋଦର

ଖ. ଆଲୋକ, ଶବ୍ଦ ଓ ବିଦ୍ୟୁତ୍ ଆଦି କେଉଁ ବିଜ୍ଞାନର ଅନ୍ତର୍ଗତ ? 1

i. ପଦାର୍ଥ ବିଜ୍ଞାନ

ii. ରସାୟନ ବିଜ୍ଞାନ

iii. ଜୀବ ବିଜ୍ଞାନ

iv. ପ୍ରାଣୀ ବିଜ୍ଞାନ

ଗ. ଆଧୁନିକ ସଭ୍ୟତା କ'ଣ କମାଇ ଦେଇଛି ବୋଲି କୁହାଯାଉଛି ? 1

i. ଧନ ସମ୍ପତ୍ତି

ii. ଈଶ୍ୱର ବିଶ୍ୱାସ

iii. ଆତ୍ମସଂଯମ

iv. ଗୁରୁଭକ୍ତି

ଘ. 'ଜନ୍ମଭୂମି' ପ୍ରବନ୍ଧରେ ଲେଖକ କେଉଁ ଭାବନା ଉପରେ ପ୍ରାଧାନ୍ୟ ଦେଇଛନ୍ତି ? 1

i ଉତ୍କଳୀୟତା

ii .ବହୁ ଜନ ସୁଖାୟ ବହୁଜନ ହିତାୟ

iii.ଜାତୀୟ ଏକତା

iv. ବସୁଧୈବ କୁଟୁମ୍ବକମ୍

ଙ. ବ୍ୟାପକ ଅର୍ଥରେ କେଉଁଟି ବିଜ୍ଞାନ ପଦବାଚ୍ୟ ? 1

i. କୌଣସି ବିଷୟରେ ମୌଳିକ ଜ୍ଞାନ

ii. କୌଣସି ବିଷୟରେ ଜଟିଳ ଜ୍ଞାନ

iii. କୌଣସି ବିଷୟରେ ସମ୍ୟକ୍ ଜ୍ଞାନ

iv. କୌଣସି ବିଷୟରେ ଯତ୍କିଂଚିତ୍ ଜ୍ଞାନ

ଚ. **ସମୟ ସ୍ରୋତରେ ଲେଖକ କିପରି ଭାସି ଚାଲିଛନ୍ତି ?** 1

i. ଶୁଖିଲା ପତ୍ର ପରି

ii. ଶୁଖିଲା ଘାସ ପରି

iii. ଶୁଖିଲା ଫୁଲ ପରି

iv. ଶୁଖିଲା ଫଳ ପରି

ଛ. **ମୈତ୍ରୀର ଧ୍ୱଜା କେତେବେଳେ ଉଡ଼ିବ ବୋଲି 'ସଭ୍ୟତା ଓ ବିଜ୍ଞାନ' ପ୍ରବନ୍ଧରେ କୁହାଯାଇଛି ?** 1

i. ବିଜ୍ଞାନର ଅନ୍ଧକାର ସ୍ଥାନଟି ଅପସାରିତ ହେଲେ

ii. ଆଧୁନିକ ସଭ୍ୟତାର ଆଦର୍ଶ ପ୍ରତ୍ୟେକେ ଜାଣିଲେ

iii. ସମସ୍ତେ ନିଜର ଦାୟିତ୍ୱ ବୁଝିଲେ

iv. ବିଶ୍ୱ ହିତକର କାର୍ଯ୍ୟ କଲେ

ଜ. **ବର୍ତ୍ତମାନ ପୃଥିବୀ ସଭ୍ୟତାର ଆଦର୍ଶ କ'ଣ ?** 1

i. ଦେଶ ଦେଶ ମଧ୍ୟରେ ବାଣିଜ୍ୟିକ ଚୁକ୍ତିନାମା

ii. ମାନବର ସର୍ବାଙ୍ଗୀଣ ବିକାଶ

iii. ନୂତନ ଟୀକା ଉଦ୍‌ଭାବନ

iv. ଶିକ୍ଷାର ବିକାଶ

ଝ. **ଗ୍ରାମର ସାଧାରଣ ଯୁବକମାନେ କିପରି ସମୟ ବିତାନ୍ତି ?** 1

i. ରାଜନୀତି କରି

ii. ଚାଷ କରି

iii. ତାସ ଖେଳି

iv. ବ୍ୟବସାୟ କରି

ଞ. **ମହାଭାରତର କର୍ଣ୍ଣଧାର କିଏ ?** 1

i. ଅର୍ଜ୍ଜୁନ

ii. ଦୁର୍ଯ୍ୟୋଧନ

iii. ଭୀଷ୍ମ

iv. ଶ୍ରୀକୃଷ୍ଣ

6. **ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛ ।(ଯେ କୌଣସି ୭ଟିର)** 7 X 1=7

କ. **'ଭୀମଙ୍କ ସିଂଘନାଦ ରଡ଼ି'କବିତାଟି ସାରଳା ମହାଭାରତର କେଉଁ ପର୍ବରୁ ଆସିଛି ?** 1

i . ଆଦ୍ୟପର୍ବ

ii. ସଭାପର୍ବ

iii. ଗଦାପର୍ବ

iv. ଶାନ୍ତିପର୍ବ

ଖ. କେଉଁଟି ସପ୍ତ ସାଗରର ଅନ୍ତର୍ଭୁକ୍ତ ନୁହେଁ ? 1

i . ଦୁଗ୍ଧ ସାଗର

ii. ଲହୁ ସାଗର

iii. ଦଧି ସାଗର

iv. ଘୃତ ସାଗର

ଗ. ଭାଲେରି ଶିଖରେ ସନ୍ଧ୍ୟାତାରା ଦେଖି ଆସନ୍ତି ପଟିକା ମହୋଲ୍ଲାସେ ଟେକି ।- ଏହି ପଦଟିରେ କବି କେଉଁମାନଙ୍କୁ ଉଲ୍ଲସିତ ହେବାର ଦେଖିଛନ୍ତି ? 1

i. ପ୍ରକୃତି ପ୍ରେମୀ

ii. ସନ୍ତରଣକାରୀ

iii. ମୀନଜୀବୀ

iv. ପର୍ଯ୍ୟଟକ

ଘ. ମଧୁର ହାସିନୀ କାହାକୁ କୁହାଯାଇଛି ? 1

i. ଦିଗଙ୍ଗନା

ii. ଚିଲିକା

iii. ମା' କାଳିଜାଈ

iv.ବାଗୀଶ୍ୱରୀ

ଙ. ଭୀମ କାହାଠାରୁ ସିଂଘନାଦ ପ୍ରାପ୍ତ କରିଥିଲେ ? 1

i.ଶ୍ରୀକୃଷ୍ଣ

ii. ପାର୍ବତୀ

iii. ଶିବ

iii. ଜଗନ୍ନାଥ

ଚ. ହ୍ରଦ ମଧ୍ୟଭାଗରେ କାହାର ପ୍ରତିବିମ୍ବ ଶୋଭା ପାଉଛି ? 1

i. ନୌକା

ii ଗୃହ

iii. ଦ୍ୱୀପ

iv. ପାଦପ

ଛ. ବ୍ୟାସ ସରୋବରରେ କିଏ ଲୁଚି ରହିଥିଲେ ? 1

i.ଶିବ

ii. ଭୀମ

iii. ବ୍ୟାସଦେବ

iv.ଦୁର୍ଯ୍ୟୋଧନ

ଜ. ନିଶା ଆଗମନରେ ଅବନୀ କେଉଁ ରୂପ ଧାରଣ କରିଛି ? 1

i. ଗମ୍ଭୀର

ii. ନିଶ୍ଚଳ

iii. କୋଳାହଳପୂର୍ଣ୍ଣ

iv. ନିସ୍ତବ୍ଧ

ଝ. ଦୁର୍ଯ୍ୟୋଧନଙ୍କ ଗଦାର ଓଜନ କେତେ ଭାର ଥିଲା ? 1

i. ଅଶୀ

ii. ସତୁରି

iii. ଷାଠିଏ

iv. ପଚାଶ

7. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛ । (ଯେ କୌଣସି ୫ଟିର) 5 X 1=5

କ. ସୁବ୍ରତ କି ଚାକିରି କରନ୍ତି ? 1

i. ଶିକ୍ଷକ

ii. କିରାଣୀ

iii. ଡାକ୍ତର

iv. ଅଧ୍ୟାପକ

ଖ. ରୋଷେଇ ଘର ଆଡୁ ମହକ ଶୁଙ୍ଘି ଲେଖକ କ'ଣ ଖାଇବାକୁ ଘର ଭିତରକୁ ଗଲେ ? 1

i. ମୁଢ଼ି ଓ କଷା ମାଉଁସ

ii. ମୁଢ଼ି ଓ ମୁଆଁ

iii. ପକୁଡ଼ି

iv.ଚାହା ଓ ଜଳଖିଆ

ଗ. ବଂଶୀରେ କେଉଁ ରାଗିଣୀ ଭାସି ଆସୁଥିଲା ? 1

i. ୟମନ

ii. ପୂରବୀ

iii. ଭୈରବ

iv.କଲ୍ୟାଣ

ଘ. କାଠୁରିଆର କୁରାଢ଼ିଟି କେତେ କିଲ ଲୁହାରେ ତିଆରି ହୋଇଥିଲା ? 1

i.ଦୁଇ

ii. ତିନି

iii.ଏକ

iv.ଦେଢ଼

ଙ. କାଠୁରିଆ କାହିଁକି ଲେଖକଙ୍କୁ ଲାଲ ଲାଲ ଆଖିରେ ଚାହିଁଲା ? 1

i. ଲେଖକ ତାକୁ ଖାଇବାକୁ ଦେଇ ନଥିବାରୁ

ii. ଲେଖକ ତାକୁ ଛୋଟ କାଠଖଣ୍ଡ ଗୋଟେଇ ରଖିବାକୁ କହିବାରୁ

iii.ଲେଖକ ତାକୁ ତା' ଘରକଥା ପଚାରିବାରୁ

iv.ଲେଖକ ତାକୁ ଅବିଶ୍ୱାସ କରିଥିବାରୁ

ଚ. 'ଭାରି କ୍ଷଣ ରାଗି ! ଠିକ୍ ତା ବୋଉ ପରି' ଏକଥା କିଏ କହିଥିଲେ ? 1

i.ସୁବ୍ରତ ବାବୁ

ii. ମହାପାତ୍ର ବାବୁ

iii.ପ୍ରୀତି

iv.ପୂରବୀ

ଛ. ପ୍ରୀତି କିପରି ମହାପାତ୍ରବାବୁଙ୍କ ବରାଦ ମୁତାବକ ଖାଦ୍ୟ ଯୋଗାଡ଼ କରିଥିଲେ ? 1

i.ନିଜ ଚୁଡ଼ି ବିକି

ii. ସୁବ୍ରତଙ୍କ ହାତଘଡ଼ି ବିକି

iii. ସୁବ୍ରତଙ୍କ କଲମ ବିକି

iv.ପଡ଼ୋଶୀଙ୍କଠାରୁ ଧାର୍ ଆଣି

***********